# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 June - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

ମୁଖ୍ୟ ସମ୍ବାଦ

---

---

- କେନ୍ଦ୍ର ସରକାରଙ୍କ ସହଯୋଗ ବିକଶିତ ଓଡ଼ିଶା ଗଠନ ପାଇଁ ହେବ ସହାୟକ, କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ରାଜ୍ୟର ସବୁ ଧାନମଣ୍ଡିରେ ଆସନ୍ତା ଦୁଇମାସ ମଧ୍ୟରେ ଲାଗିବ ସିସିଟିଭି କ୍ୟାମେରା, ସୂଚନା ଦେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- ଡିପ୍‌ଥେରିଆ ରୋଗର ସ୍ଥିତି ଅନୁଧ୍ୟାନ ପାଇଁ ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାକୁ ଗସ୍ତରେ ଗଲେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍

ଏବଂ

- ଲଘୁଚାପ ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

*Desk*

# ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ଆଜି ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମାଧିସ୍ଥଳ ସଦୈବ ଅଟଳଠାରେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଦେଶକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ସ୍ୱର୍ଗତଃ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ସେ ତାଙ୍କଠାରୁ ରାଜନୀତିରେ ଯୋଗଦାନ ପାଇଁ ପ୍ରେରଣା ପାଇଥିଲେ ବୋଲି କହିଛନ୍ତି।

**- V/O -**

ଆଜି ମୁଖ୍ୟମନ୍ତ୍ରୀ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କୁ ସାକ୍ଷାତ କରିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖମନ୍ତ୍ରୀ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ରାଜ୍ୟର ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ସହଯୋଗ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି କହିଥିଲେ। ସେ କହିଥିଲେ, ଆଗାମୀ ଦିନରେ ଏକ ନୂଆ ଓଡ଼ିଆ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ।

*HS*

## ଧାନମଣ୍ଡି- ସିସିଟିଭି କ୍ୟାମେରା

ରାଜ୍ୟର ସବୁ ଧାନ ମଣ୍ଡିରେ ଆସନ୍ତା ଦୁଇ ମାସ ମଧ୍ୟରେ ସିସିଟିଭି କ୍ୟାମେରା ଲାଗିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି, କେଉଁ ବ୍ୟକ୍ତି କେଉଁଠି ଧାନ ଅନଲୋଡ୍ କଲେ ତାହା ଜାଣିବା ପାଇଁ ସବୁ ଗାଡ଼ିରେ ଜିପିଏସ୍ ଲଗାଯିବ। ଧାନମଣ୍ଡି ଗୁଡ଼ିକରେ ହେଉଥିବା ଦୁର୍ନୀତି ବନ୍ଦ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଆଜି କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଧାନମଣ୍ଡି ଗୁଡ଼ିକର ସ୍ଥିତି ପରଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ସ୍ଥିତି ସୁଧାରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଏଣିକି ମଣ୍ଡିଗୁଡ଼ିକରେ କଟନି ଛଟନି ଆଦୌ ହେବ ନାହିଁ ଏବଂ କୃଷକ ମାନେ ଯେଭଳି ଅଧିକ ଦିନ ଅପେକ୍ଷା ନ କରିବେ ସେ ନେଇ ସୁବିଧା କରାଯିବ।

*Desk*

## ଜିଲ୍ଲା ଜଜ୍ ସମ୍ମିଳନୀ

ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ବିଚାରପତିମାନେ ଯତ୍ନବାନ ହେବାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍

ଚକ୍ରଧାରୀ ଶରଣ ସିଂ କହିଛନ୍ତି । ହାଇକୋର୍ଟ ପକ୍ଷରୁ ତିନିଦିନିଆ ଜିଲ୍ଲା ଜଜ୍ ସମ୍ମିଳନୀକୁ ଉଦ୍‌ଘାଟନ କରି ଜଷ୍ଟିସ ସିଂ କହିଛନ୍ତି, ଜିଲ୍ଲା ଜଜ୍‌କୋର୍ଟ ଗୁଡ଼ିକରେ ମାମଲାର ଶୁଣାଣି, ନ୍ୟାୟିକ ପ୍ରକ୍ରିୟା ଓ ତ୍ୱରିତ ନ୍ୟାୟ ପ୍ରଦାନ ବର୍ତ୍ତମାନ ସମୟର ଆବଶ୍ୟକତା । ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକୁ କିଭଳି ଦୂର କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ଅନ୍ୟ ବିଚାରପତିଗଣ, ପୂର୍ବତନ ବିଚାରପତି ଓ ରେଜିଷ୍ଟ୍ରାର ପ୍ରମୁଖ ଯୋଗ ଦେଇଥିଲେ ।

***Ganjam***

## ମନ୍ତ୍ରୀଙ୍କ ପଞ୍ଚାୟତ ଗସ୍ତ

ରାଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକମାନଙ୍କ ଅଭିଯୋଗର ସମାଧାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା କନିଷି ପଞ୍ଚାୟତରୁ ‘ଗୋଟିଏ ଗଛ ମା’ଙ୍କ ପାଇଁ’ ଅଭିଯାନ ଆରମ୍ଭ କରିଛନ୍ତି ।

*HS*

## ଶୀତଳଭଣ୍ଡାର ନିର୍ମାଣ

ରାଜ୍ୟରେ ଦର ଦାମ୍ ନିୟନ୍ତ୍ରଣରେ ରହିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସେ କହିଛନ୍ତି, ଯଦି କେହି ଖୁଚୁରା ବେପାରୀ ଅତ୍ୟଧିକ ଲାଭ ରଖି ଜିନିଷ ବିକ୍ରୟ କରୁଥାଆନ୍ତି ସେ କ୍ଷେତ୍ରରେ ଚଢ଼ାଉ କରାଯିବ । ଆଳୁ, ପିଆଜ ବାହାର ରାଜ୍ୟରୁ ଆସୁଥିବାରୁ ସେଗୁଡ଼ିକର ଦର ସାମାନ୍ୟ ବୃଦ୍ଧି ପାଇଛି । ତେବେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ହେବ ଓ ସେ ନେଇ ସରକାର ଯୋଜନା କରୁଥିବା ସେ କହିଛନ୍ତି ।

*Ganjam*

## ଗଞ୍ଜାମ- ଖରିଫ ଚାଷ ଖସଡ଼ା

ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୪ ଲକ୍ଷ ୫ ହଜାର ୭୫୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ୧ ଲକ୍ଷ ୭୮ ହଜାର ୯୦୦ ହେକ୍ଟର ଜମିରେ ଧାନ ଓ ୧ ଲକ୍ଷ ୨୬ ହଜାର ୮୫୦ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯିବ । ଜିଲ୍ଲାରେ ଚଳିତ ବର୍ଷ ଖରିଫ ଚାଷ ଖସଡ଼ା ପ୍ରସ୍ତୁତି ବୈଠକରୁ ଏହି ସୂଚନା ମିଳିଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧାଂଶୁ କୁମାର ନନ୍ଦ ଖରିଫ ଋତୁ-୨୦୨୪ ପାଇଁ ଚାଷ ଖସଡ଼ା ଉପସ୍ଥାପନ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ, ୮ ହଜାର

ହେକ୍ଟର ଜମିରେ ମାଣ୍ଡିଆ ଓ ଅଣମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବିହନ ବିତରଣ ବ୍ୟବସ୍ଥାରେ ଚାଷୀମାନଙ୍କୁ ଡିବିଟି ମାଧ୍ୟମରେ ୪୬ ହଜାର ୬୯୩ କୁଇଣ୍ଟାଲ ବିହନ ଯୋଗାଇ ଦିଆଯିବ।

***HS/Rayagada***

## କାଶୀପୁର ଡିପ୍‌ଥେରିଆ ହେଲ୍‌ଥ ଟିମ୍

ଡିପ୍‌ଥେରିଆ ସ୍ଥିତି ଅନୁଧ୍ୟାନ ପାଇଁ ଏକ ପାଞ୍ଚ ଜଣିଆ କେନ୍ଦ୍ରୀୟ ଦଳ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ପହଁଞ୍ଚିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ବିଭାଗର ଡେପୁଟି କମିଶନର ଡାକ୍ତର ଆଶିଷ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ ଡାକ୍ତର ରମେଶ ଚନ୍ଦ୍ରା ଏବଂ ଡାକ୍ତର ଆରତୀ ନରେଡ଼ାଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଡିପ୍‌ଥେରିଆ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଟିମ୍‌ର ସଦସ୍ୟମାନେ ଆଜି ଡିପ୍‌ଥେରିଆ ସଂକ୍ରମିତ କାଶିପୁର ବ୍ଲକ ମୁନୁଷପଦର ଗାଁକୁ ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଦିଆଯାଇଥିବା ଇଞ୍ଜେକସନ୍‌ର ପ୍ରଭାବ କିଭଳି ରହିଛି ଏବଂ ରୋଗ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକରେ ସ୍ୱାସ୍ଥ୍ୟ ବିଭାଗର ଏକ ଚାରିଜଣିଆ ସ୍ୱତନ୍ତ୍ର ଟିମ୍ ଶିଶୁଙ୍କ ମୃତ୍ୟୁର କାରଣ ଅନୁସନ୍ଧାନ କରୁଛନ୍ତି। ଗତ ୧୦ ଦିନ ମଧ୍ୟରେ ନାରାୟଣପାଟଣା ବ୍ଲକରେ ୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ

ଜଣାପଡ଼ିନାହିଁ।  ମୃତ ଶିଶୁମାନଙ୍କର ରକ୍ତ ନମୂନା ପରୀକ୍ଷା ପାଇଁ ପଠାଯାଇଛି ଓ ଏହି ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସ୍ୱତନ୍ତ୍ର ଟିମ୍ କହିଛନ୍ତି।

***BHK***

## ଭଦ୍ରକ- ସଖୀ

ଭଦ୍ରକ ଜିଲ୍ଲାରେ ମହିଳା ଓ ବାଳିକା ମାନଙ୍କ ଲାଗି ୨୦୧୯ରୁ କାର୍ଯ୍ୟ କରୁଥିବା 'ଶଖୀ ଓ୍ୱାନ୍ ଷ୍ଟପ୍' କେନ୍ଦ୍ର ଦ୍ୱାରା ଏ ପର୍ଯ୍ୟନ୍ତ ୧ ହଜାର ୧୧ଟି ମାମଲା ମଧ୍ୟରୁ ୧୩୮ଟି ମାମଲାର ସମାଧାନ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶଖୀ ଓ୍ୱାନ୍ ଷ୍ଟପ୍ କେନ୍ଦ୍ରରେ ପାରିବାରିକ ହିଂସା, ବାଲ୍ୟବିବାହ, ଯୌତୁକ ନିର୍ଯାତନା ଆଦି ମାମଲାର ଆଇନଗତ ସହାୟତା, ସାମାଜିକ ପରାମର୍ଶ ଓ ଡାକ୍ତରୀ ସହାୟତା ଯୋଗାଇ ଦିଆଯାଉଛି। ଆସନ୍ତା ଜୁଲାଇ ପହିଲାରୁ ନୂଆ ଅପରାଧିକ ଆଇନ ଲାଗୁ ହେବାକୁ ଯାଉଥିବା ବେଳେ ସେହି କେନ୍ଦ୍ର ମାଧ୍ୟମରେ ନୂଆ ଆଇନ ସମ୍ପର୍କରେ ମହିଳା ଓ ବାଳିକାମାନଙ୍କୁ ସଚେତନ କରାଯାଉଛି।

***Nuapada***

## ଚିନାବାଦାମ ମଞ୍ଜି ବଣ୍ଟନ

ନୂଆପଡ଼ାରେ ସମନ୍ୱିତ କୃଷି ଚାଷ ପ୍ରଣାଳୀରେ ଚାଷୀଙ୍କୁ ମାଗଣାରେ ଚିନାବାଦାମ ମଞ୍ଜି ବଣ୍ଟନ କରାଯାଇଛି। ଜିଲ୍ଲା କୃଷି କାର୍ଯ୍ୟାଳୟ

ପରିସରରେ ପଲ୍ଲି ବିକାଶ ଏବଂ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ଆୟବୃଦ୍ଧିକୁ ଲକ୍ଷ୍ୟରେ ଖଡ଼ିଆଳ ବ୍ଲକର ୭ଟି ପଞ୍ଚାୟତର ୩୦୦ ଜଣ ଚାଷୀ ଏବଂ ବୋଡେନ୍ ବ୍ଲକର ୩ଟି ଗ୍ରାମ ପଞ୍ଚାୟତର ୧୫୦ ଜଣ ଚାଷୀଙ୍କୁ ଚିନାବାଦାମ ମଞ୍ଜି ବଣ୍ଟନ କରାଯାଇଛି ।

***CTC***

## ସିଆଇଏସ୍ଏଫ୍ ପାସିଙ୍ଗ ଆଉଟ୍ ପରେଡ୍

କଟକ ଜିଲ୍ଲା ବାରଙ୍ଗଠାରେ ଥିବା ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରଠାରେ ଆଜି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ-ସି.ଆଇ.ଏସ୍.ଏଫ୍.ର ପାସିଙ୍ଗ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ୨୬ ସପ୍ତାହର ପ୍ରଶିକ୍ଷଣ ଶେଷ କରିବା ପରେ ୩୭୦ ଜଣ ସିଆଇଏସ୍ଏଫ୍ ଯବାନ ଆନୁଷ୍ଠାନିକ ଭାବେ ଆଜିଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପାସିଙ୍ଗଆଉଟ୍ ପରେଡ୍ ପୂର୍ବରୁ ସମ୍ପୃକ୍ତ ଯବାନମାନେ ଦେଶ ସେବା ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ ।

***CTC***

## ତାଇକୋଣ୍ଡ ପ୍ରତିଯୋଗିତା

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆଜିଠାରୁ ତୃତୀୟ ଜାତୀୟ ସିନିୟର ଏବଂ ଜୁନିୟର ତାଇକୋଣ୍ଡ ପ୍ରତିଯୋଗିତା ଆରମ୍ଭ ହୋଇଛି । ଦେଶର ୨୨ଟି ରାଜ୍ୟରୁ ୭୩୧ ଜଣ ମହିଳା ଓ ପୁରୁଷ ଏବଂ ବାଳକ-ବାଳିକାମାନେ ଏହି ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଏହି ପ୍ରତିଯୋଗିତାରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ବିଶ୍ୱ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସାମିଲ କରାଯିବ ।

***Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆଜି କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ମଧ୍ୟ ପ୍ରବଳ ବର୍ଷା ହେବ । ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସେହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି । ମତ୍ସ୍ୟଜୀବୀମାନଙ୍କୁ ଆଗାମୀ ୩ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ଓ ୩ଟି ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି । ସେ କହିଛନ୍ତି...

**- V/O -**

ରାଜ୍ୟରେ ୬୦ ଦଶମିକ ୧ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛନ୍ତି। ଚଳିତ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୪୧ ଦଶମିକ ୩ ମିଲିମିଟର ବର୍ଷା ହୋଇଯାଇଛି। ଏହି ସମୟ ମଧ୍ୟରେ ୨୦୧ ଦଶମିକ ୪ ମିଲିମିଟର ବର୍ଷା ଆକଳନ କରାଯାଇଥିଲା। ତେବେ ରାଜ୍ୟର ଗୋଟିଏ ଜିଲ୍ଲାରେ ସର୍ବାଧିକ ପରିମାଣ ବର୍ଷା ହୋଇଥିବା ବେଳେ ୧୦ଟି ଜିଲ୍ଲାରେ ସାଧାରଣ ଓ ଦୁଇଟି ଜିଲ୍ଲାରେ ସାଧାରଣରୁ ସାମାନ୍ୟ ଅଧିକ ବର୍ଷା ହୋଇଛି। ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବିଭାଗ କହିଛି।